بسم الله الرحمٰن الرحیم

**ଖୁତ୍‌ବା ଜୁମା ୧୩ ଅଗଷ୍ଟ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଜଲ୍‌ସା ସାଲାନା ୟୁ.କେର ମଙ୍ଗଳପ୍ରଦ ତଥା ସଫଳ ଆୟୋଜନକୁ ଭିତ୍ତି କରି ବିଭିନ୍ନ ଲୋକମାନଙ୍କର ମତାମତ ଏବଂ ସେହି ଅବଧି ମଧ୍ୟରେ ଅବତୀର୍ଣ୍ଣ ହୋଇଥିବା ଐଶ୍ୱରିକ କୃପାର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: **ଅଲ୍‌ହମ୍‌ଦୁ ଲିଲ୍ଲାଃ** (ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ) ଗତ ଶୁକ୍ରବାର ଦିନ ବ୍ରିଟେନର ଜଲ୍‌ସା ସାଲାନା ଏକ ବର୍ଷ ଅବା ଦୁଇ ବର୍ଷର ବିରତି ପରେ ଆରମ୍ଭ ହୋଇ ତିନି ଦିନ ପର୍ଯ୍ୟନ୍ତ ନିଜର ଆଧ୍ୟାତ୍ମିକ ପ୍ରାଚୁର୍ଯ୍ୟ ବିଛୁରିତ କରି ଗତ ରବିବାର ଦିନ ସମାପ୍ତ ହୋଇଗଲା । କରୋନା ରୋଗ ଯୋଗୁଁ ଚଳିତ ବର୍ଷ ମଧ୍ୟ ପରିସ୍ଥିତି ଅନୁକୁଳ ନଥିଲା ଏବଂ ଆୟୋଜକମାନେ ମଧ୍ୟ ଏହା ଭାବୁଥିଲେ ଯେ, ଚଳିତ ବର୍ଷ ମଧ୍ୟ ଗତ ବର୍ଷ ପରି ଜଲ୍‌ସା ହେବ ନାହିଁ । ଯେତେବେଳେ ଆୟୋଜକମାନଙ୍କୁ କୁହାଗଲା କି ଚଳିତ ବର୍ଷ **ଇନ୍‌ଶାଅଲ୍ଲାଃ** ଜଲ୍‌ସା ଆୟୋଜିତ ହେବ, ତେବେ ଆୟୋଜକ ଏଥି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । କିନ୍ତୁ ସେମାନେ ସମ୍ପୂର୍ଣ୍ଣ ସହୃଦୟର ସହିତ ପ୍ରସ୍ତୁତି କରୁ ନଥିଲେ । ଏପର୍ଯ୍ୟନ୍ତକି ଏକ ଅବସରରେ ମୋତେ କଠୋରତା ପୂର୍ବକ କହିବାକୁ ପଡ଼ିଲା ଯେ, ଯଦି ଆପଣମାନେ ଏହି ମାନସିକତା ରଖି ଏବଂ ନିରୁତ୍ସାହିତ ଭାବ ରଖି କାର୍ଯ୍ୟ କରିବେ ଯେ, ଜଲ୍‌ସା ହେବ କି ନାହିଁ ଜଣା ନାହିଁ ? ତାହାହେଲେ ମୁଁ ନୂତନ ଆୟୋଜକଙ୍କୁ ନିଯୁକ୍ତ କରିଦେବି । ମୋର ସେହି କଠୋରୁକ୍ତି ସେମାନଙ୍କୁ ଚକିତ କରି ଦେଇଥିଲା ଏବଂ ସେମାନେ ତ୍ୱରିତ ଭାବରେ କାମ ଆରମ୍ଭ କରିଦେଲେ । ଏହା ଏପରି ପ୍ରତିତ ହେଉଥିଲା ଯେପରି କର୍ମଚାରୀମାନେ ପ୍ରକୃତରେ ଜନଶକ୍ତି ଅଟନ୍ତି, ସେମାନେ ପୂର୍ବରୁ ବ୍ୟାକୁଳିତ ଥିଲେ । ସୁତରାଂ ପ୍ରତ୍ୟେକ ପକ୍ଷରୁ ସ୍ୱେଚ୍ଛାସେବୀମାନେ ଉପଲବ୍ଧ ହୋଇଗଲେ । ଜଲ୍‌ସାର ଆୟୋଜନ ବ୍ୟାପକ ସ୍ତରୀୟ ହେବାର ଥିଲା, ତେଣୁ ଇଚ୍ଛୁକ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ ହିଁ କର୍ମୀମାନେ ମନୋନୀତ ହୋଇଥିଲେ । ଯେଉଁମାନଙ୍କୁ ସେବା କରିବାର ସୁଯୋଗ ପ୍ରାପ୍ତ ହେଲା ନାହିଁ, ସେମାନଙ୍କୁ ମୁଁ ଏହା କହିବାକୁ ଚାହୁଁଛି ଯେ, ଆପଣମାନଙ୍କୁ ସେବା କରିବାର ସୁଯୋଗ ଯଦିଓ ମିଳିପାରି ନାହିଁ କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିଙ୍କ ସେବା କରିବା ପାଇଁ ଘରୁ ବାହାରି ଆସିବାରେ ହିଁ ଆପଣମାନେ ପୁଣ୍ୟରୁ ଭାଗ ହାସଲ କରିଦେଲେ ଆପଣଙ୍କ ଅନ୍ତର୍ନିହତ ଉଦ୍ଦେଶ୍ୟ ନିଶ୍ଚିତ ପୂର୍ଣ୍ଣ ହୋଇଗଲା ଏବଂ ଅଲ୍ଲାଃତାଲା ଆପଣଙ୍କୁ ସେହି ପ୍ରତିଫଳରୁ ବଞ୍ଚିତ ରଖିବେ ନାହିଁ ।

ଯେପରିକି ମୋର ପରଂପରା ରହିଛି ଯେ, ଜଲ୍‌ସାର ପରବର୍ତ୍ତୀ ଜୁମାରେ ମୁଁ କର୍ମୀ ଏବଂ ସ୍ୱେଚ୍ଛାସେବୀମାନଙ୍କର କୃତଜ୍ଞତା ଜ୍ଞାପନ କରିଥାଏ । ଲୋକମାନେ ମଧ୍ୟ ସମଗ୍ର ବିଶ୍ୱରୁ ମୋତେ ପତ୍ର ଲେଖି ସ୍ୱେଚ୍ଛାସେବୀମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛନ୍ତି । ବର୍ଷା ଏବଂ କାଦୁଅ ଯୋଗୁଁ ପାର୍କିଂର (ଯାନ ବାହାନ ରଖିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ) ଚୟନ କରାଯାଇଥିଲା କିନ୍ତୁ ସେଠାରେ ଯେଉଁ ସମସ୍ୟା ଉତ୍ପନ୍ନ ହୋଇଥିଲା, ଏମ.ଟି.ଏ ମାଧ୍ୟମରେ ସମଗ୍ର ବିଶ୍ୱର ଲୋକମାନେ ତାହା ଦେଖିଲେ ଯେ, ସ୍ୱେଚ୍ଛାସେବୀମାନେ ଏବଂ କର୍ମୀମାନେ ବାହାନଗୁଡ଼ିକୁ କାଦୁଅରୁ ବାହାର କରିବା ପାଇଁ ସ୍ୱୟଂ ପଙ୍କ କାଦୁଅରେ ନିବିଷ୍ଟ ହୋଇଗଲେ, ଏହି ଉତ୍ସାହକୁ ଦେଖି ପର ଆପଣା ସମସ୍ତେ ଆଚମ୍ଭିତ ହୋଇଗଲେ ।

ସେହିପରି ସ୍ୱଚ୍ଛତା ବିଭାଗ, ଭୋଜନ କରାଇବା, ଖାଦ୍ୟ ପ୍ରସ୍ତୁତି, ରୁଟି ସେକିବା ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ଜଲ୍‌ସା ସ୍ଥଳରେ ମାର୍କି (ବସିବା ସ୍ଥଳରେ ଚିହ୍ନ ଲଗାଇବା), ଟ୍ରାକ୍ ବିଛାଇବା ଇତ୍ୟାଦି । ଏହସବୁ କାର୍ଯ୍ୟ ପାଇଁ

ସ୍ୱେଚ୍ଛାସେବୀମାନେ ଅହରହ ଭାବରେ ଅନେକ ସପ୍ତାହ ଧରି ଆସୁଥିଲେ ଏବଂ ବର୍ତ୍ତମାନ ୱାଇଣ୍ଡ ଅପ୍ ପାଇଁ ମଧ୍ୟ ପୂର୍ଣ୍ଣ ସମୟ ଦେଉଛନ୍ତି । ଏମ.ଟି.ଏ ମଧ୍ୟ ଅତ୍ୟନ୍ତ କଠିନ ପରିଶ୍ରମର ସହିତ କାର୍ଯ୍ୟକ୍ରମମାନ ପ୍ରସାରିତ କରିଥିଲା ଏବଂ ନା କେବଳ ବିଶ୍ୱକୁ ଜଲ୍‌ସା ଦେଖାଇଲା ବରଂ ଆମମାନଙ୍କୁ ଜଲ୍‌ସା ସ୍ଥଳର ଏବଂ ବିଭିନ୍ନ ଦେଶରେ ସାମୂହିକ ରୂପେ ଜଲ୍‌ସା ଦେଖୁଥିବା ଲୋକମାନଙ୍କର ଦୃଶ୍ୟ ଦେଖାଇଲା । ତାହା ଏପରି ପ୍ରତିତ ହେଉଥିଲା ଯେପରି ଆନ୍ତର୍ଜାତିକ ଗୃହର ମାନଚିତ୍ର ଅଙ୍କନ କରିଦେଇଛି । ଅତଏବ ମୁଁ ସମସ୍ତ କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି, ଯେଉଁମାନେ ଏହି ଅନୁକୂଳ ପରିସ୍ଥିତିରେ ମଧ୍ୟ ନିଃସ୍ୱାର୍ଥପର ହୋଇ ସେବା ସମ୍ପାଦନ କଲେ ।

ମୋର ବିଚାର ଥିଲା କି ସ୍ୱେଚ୍ଛାସେବୀ, କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରି ମୁଁ ନିଜର ଚିରାଚିରତ ଖୁତ୍‌ବାର ବିଷୟ ବସ୍ତୁ ବର୍ଣ୍ଣନା କରିବି । କିନ୍ତୁ ସମଗ୍ର ବିଶ୍ୱରୁ ଜଲ୍‌ସା ଶୁଣିଥିବା ଶ୍ରୋତାମାନଙ୍କର ମତାମତ ଏବଂ ଆବେଗର ଏତେ ମାତ୍ରାରେ ସୁଅ ଛୁଟିଲା, ମୁଁ ଭାବିଲି ଯେ, ଆଜିର ଖୁତ୍‌ବାରେ ପୂର୍ବପରି ସେହି ପ୍ରତିକ୍ରିୟାମୂଳକ ମତାମତର ଏବଂ ଅଲ୍ଲାଃତାଲାଙ୍କ କୃପାର ଚର୍ଚ୍ଚା କରିବି । ଚଳିତ ବର୍ଷ ଭିନ୍ନ ଶୈଳୀରେ ଓ ଭିନ୍ନ ଧରଣର ଜଲ୍‌ସା ଅନୁଷ୍ଠିତ ହେବା ସଙ୍ଗେସଙ୍ଗେ ଅଲ୍ଲାଃତାଲା ନିଜର କୃପାର ଏଭଳି ଦ୍ୱାର ଉନ୍ମୁକ୍ତ କରିଦେଲେ ଯେ, ତାହା ଦେଖି ମନୁଷ୍ୟ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରି ତାଙ୍କ ସମ୍ମୁଖରେ ମନୁଷ୍ୟ ନତ ମସ୍ତକ ଥାଏ । କିଭଳି କୃପା ଅଲ୍ଲାତାଲା ଜମାଅତ୍ ଉପରେ କରୁଛନ୍ତି ଯେ, ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରାୟତଃ ଏକ ଅଭାବ ସଂପର୍କରେ ଲୋକମାନେ ନିଜର ପ୍ରତିକ୍ରିୟା ରଖିଛନ୍ତି ଯେ, ଚଳିତ ବର୍ଷ ଆନ୍ତର୍ଜାତିକ ବୈଅତ୍ ହେଲା ନାହିଁ, ଯାହାର ଲୋକମାନେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ । ସେ ଯାହା ହେଉ ନା କାହିଁକି ଏପରି ପରିସ୍ଥିତିରେ ବୈଅତ୍ ନେବା ସମ୍ଭବପର ନଥିଲା ।

ଚଳିତ ବର୍ଷ ପ୍ରଥମ ଥର ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ବିଭିନ୍ନ ଜମାଅତ୍ ନିଜ ନିଜ ସ୍ଥାନରେ ବସି ଜଲ୍‌ସାରେ ସାମିଲ୍ ହୋଇଥିଲେ । ୟୁ.କେର ୫ଟି ସ୍ଥାନରେ ଜଲ୍‌ସା ଶୁଣିବାର ବ୍ୟବସ୍ଥା ହୋଇଥିଲା । ୟୁ.କେ ବ୍ୟତୀତ ଅନ୍ୟ ୨୨ଟି ଦେଶ ମଧ୍ୟରୁ ୩୭ଟି ଦେଶରେ ପରିବ୍ୟାପ୍ତ ୩୭ଟି ସ୍ଥାନରେ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକମାନେ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେହି ଦେଶଗୁଡ଼ିକ ହେଲେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିୟା, ଇଣ୍ଡୋନେସିଆ, ବାଂଲାଦେଶ, ମରେଶିୟସ୍, କବାବିର୍, ଭାରତ, ବୁର୍କିନାଫାସୋ, ଘାନା, ନାଇଜେରିୟା, ଗ୍ୟାମ୍ବିୟା, ତାଞ୍ଜାନିୟା, ଫ୍ରାନ୍‌ସ୍, ସୁଇଜରଲ୍ୟାଣ୍ଡ, ଜର୍ମାନୀ, ସ୍ୱିଡ଼େନ୍, ବେଲ୍‌ଜିୟମ୍, ଫିନ୍‌ଲ୍ୟାଣ୍ଡ, ହଲାଣ୍ଡ ଆଦି ଅନ୍ତର୍ଭୁକ୍ତ ଅଟନ୍ତି । ଏକ ଆକଳନ ଅନୁଯାୟୀ ମହିଳା ଅଧିବେଶନକୁ ପାଖାପାଖି ୩୩,୦୦୦ ମହିଳାମାନେ ଦେଖିଲେ ଏବଂ ଶୁଣିଲେ ।

ହୁଜୁର ଅନୱର୍ ଅ.ବ କହିଲେ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ଥିବା ମହିଳା ଓ ପୁରୁଷମାନଙ୍କର ପ୍ରତିକ୍ରିୟା ଉପସ୍ଥାପନ କଲେ । ଏକ ଅଣଅହେମଦି ଜାପାନୀ ବନ୍ଧୁ ମୁଶିମା ଓସାମୁ ସାହେବ ଯିଏ ହୁଜୁର ଅ.ବଙ୍କ ଜାପାନ ଗସ୍ତ ଅବସରରେ ଆତିଥ୍ୟତାର ସୌଭାଗ୍ୟ ଅର୍ଜନ କରି ସାରିଛନ୍ତି, ସେ କହିଲେ ଯେ, ଆଜି ମୁଁ ଯେତେବେଳେ ୬ ଅଗଷ୍ଟର ଖୁତ୍‌ବା ଶୁଣିଲି ସେତେବେଳେ ଜାପାନ ପାଇଁ ମୋର ଜମାଅତ୍ ଅହେମଦିୟାର ସେବା କଥା ମୋତେ ମନେ ପଡ଼ିଗଲା । ଆଜି ଜଲ୍‌ସାର ପରିବେଶ ଏବଂ ସମଗ୍ର ପୃଥିବୀରୁ ଲୋକମାନଙ୍କର ଏକତ୍ରିକରଣକୁ ଦେଖି ମୋ ମନରେ ଏହି ଅନୁଭବ ଜାଗ୍ରତ ହେଲା ଯେ, ସମଗ୍ର ପୃଥିବୀକୁ ଏକ ପ୍ଲାଟଫର୍ମରେ (ମଞ୍ଚରେ) ଆଣି ଏକତ୍ରିତ କରିବା ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟତାର ବାତାବରଣ ସୃଷ୍ଟି କରିବା ସକାଶେ ଜମାଅତ୍ ଅହେମଦିୟାର ଭୂମିକା ବଶ୍ ଗୁରୁତ୍ୱପୂର୍ଣ୍ଣ, ଏହା ଅତି ସ୍ପଷ୍ଟ ଭାବରେ ଅବଲୋକନ କରାଯାଇପାରେ ।

ଜ୍ୟାମ୍ବିୟାରୁ ଜଣେ ଖ୍ରୀଷ୍ଟ ଧର୍ମାବଲମ୍ବୀୟ ଶିକ୍ଷକ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣି କହିଲେ ଯେ, ମୋତେ ଆଜି ଜ୍ଞାତ ହୋଇଛି ଯେ, ଇସ୍‌ଲାମ୍ ଧର୍ମ ହିଁ ଏକ ସତ୍‌ଧର୍ମ । ନାଇଜେରିୟାର ଜଣେ ମୁସଲମାନ ବନ୍ଧୁ ପ୍ରବଳ ବର୍ଷାରେ ସ୍ୱେଚ୍ଛାସେବୀମାନଙ୍କୁ କାର୍ଯ୍ୟରେ ମଗ୍ନ ଥିବାର ଦେଖି କହିଲେ ଯେ, ନିଃସନ୍ଦେହ ଏହି ଜମାଅତ୍ ସତ୍ୟ ଜମାଅତ୍ ଅଟେ । ମସାକା ଜ୍ୟାମ୍ବିୟାରୁ ଆଉ ଜଣେ ଅଣଅହେମଦି ଶିକ୍ଷକ କହିଲେ ଯେ, ଆଜି ମୁଁ ଆପଣଙ୍କ ଖଲିଫାଙ୍କ ଠାରୁ ଗୋଟିଏ କଥା ଶିଖିଲି, ତାହା ଏହିକି ଯେ, ଇସ୍‌ଲାମ୍ ଧର୍ମ ହିଁ ଏକମାତ୍ର ଧର୍ମ ଯିଏ ନାରୀମାନଙ୍କର ଅଧିକାର ଉପରେ ଜୋର ଦେଇଛି । ନାଇଜେରିୟାର ଜଣେ ଅଣଅହେମଦି ଅତିଥି ମରିୟମ୍ ସାହେବା କହିଲେ ଯେ, ଆଜି ମୋତେ ନାରୀମାନଙ୍କର ଅଧିକାର

ଏବଂ କର୍ତ୍ତବ୍ୟ ଉଭୟର ପ୍ରକୃତ ଅବଧାରଣା ମିଳିଲା । ସେ ଉଲ୍ଲେଖ କରନ୍ତି ଯେ, ଯଦି ଅହେମଦିମାନଙ୍କର କହିବା ଏବଂ କରିବା ମଧ୍ୟରେ ସାମଞ୍ଜସ୍ୟତା ରହେ ତାହାହେଲେ ଆପଣମାନଙ୍କ ଠାରୁ ଭଲ ଲୋକ ଆଉ ଏ ଦୁନିଆରେ କେହି ନାହିଁ । ହୁଜୁର ଅନୱର ଅ.ବ କହିଲେ: ଅତଏବ ପ୍ରତ୍ୟେକ ଅହେମଦିଙ୍କୁ ନିଜ ଘରେ ଏହି ଶିକ୍ଷାର ଉଦାହରଣ ପ୍ରଦର୍ଶନ କରିବାକୁ ହେବ । କାରଣ ଇସ୍‌ଲାମ୍‌ର ଏହି ସୁନ୍ଦର ଶିକ୍ଷାର ଲୋକମାନଙ୍କ ଉପରେ ଯେଉଁ ପ୍ରଭାବ ପଡ଼ିଛି, ତାହା ପ୍ରତୀୟମାନ ମଧ୍ୟ ହେବ । ଅହେମଦି ବ୍ୟକ୍ତି ପାଇଁ ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ଯେ, ନିଜର ଆଚାର ବ୍ୟବହାର ନିଜ ଘରେ ମଧ୍ୟ ଠିକ୍ ରଖନ୍ତୁ । ସଂସାରବାସୀଙ୍କୁ ଧୋକା ଦିଅନ୍ତୁ ନାହିଁ ।

କ୍ୟାମ୍‌ରୁନ୍‌ର ସହର ମୁର୍‌ୱା ନିକଟସ୍ଥ ଏକ ଗ୍ରାମର ମୁଖିଆ ଅଲ୍‌ହାଜି ଉସ୍‌ମାନ୍ ସାହେବ କହିଲେ ଯେ, ଆଜି ଜଲ୍‌ସାର କାର୍ଯ୍ୟକ୍ରମ ଦେଖି ବିଶ୍ୱାସ ହୋଇଗଲା ଯେ, ଏହି ଜମାଅତ୍ ପ୍ରକୃତରେ ଇମାମ୍ ମେହ୍‌ଦୀଙ୍କର ଜମାଅତ୍ ଅଟେ। ମାଲେସିଆରୁ ଜଣେ ନବ ଦୀକ୍ଷିତ କହନ୍ତି ଯେ, ମୁଁ ଜଲ୍‌ସା ସାଲାନା ୟୁ.କେ ଦେଖି ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି ଏବଂ ଏହି ପ୍ରତିଶୃତି କରୁଛି ଯେ, ଖିଲାଫତ୍ ସହିତ ସର୍ବଦା ବିଶ୍ୱସ୍ତତାର ସଂପର୍କ ବର୍ଦ୍ଧିତ ରଖିବି ଏବଂ ଆଜ୍ଞାନୁବର୍ତ୍ତି ହୋଇ ରହିବି । ଗିନି ବସାଓରେ ନବ ଦୀକ୍ଷିତ ଏବଂ ଅଣମୁସଲମାନ ସଦସ୍ୟମାନେ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିବା ପାଇଁ ୧୮ ଏବଂ ୩୦ କି.ମି ଦୂରତା ଅତିକ୍ରମ କରି ସାଇକେଲରେ ଏବଂ ପଦଯାତ୍ରା କରି ପହଞ୍ଚିଲେ ଏବଂ ଇତ୍ୟବସରରେ ୧୨୭ ଜଣ ଲୋକେ ଅହେମଦିୟତ୍ ଗ୍ରହଣ କଲେ । କଙ୍ଗୋର ଜଣେ ଖ୍ରୀଷ୍ଟ ସଂପ୍ରଦାୟ ବନ୍ଧୁ ନିଜର ପତ୍ନୀଙ୍କୁ କହିଲେ ଏଠାରେ ତିନି ଦିନରେ ଆମେମାନେ ଯାହା କିଛି ଶିକ୍ଷା ହାସଲ କଲୁ ତାହା ଖ୍ରୀଷ୍ଟ ଧର୍ମରେ ରହି ସାରା ଜୀବନରେ ଶିଖି ପାରିବୁ ନାହିଁ । ଗିନି ବସାଓର ଜଣେ ଅଣମୁସଲମାନ ବନ୍ଧୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଶୁଣି କହିଲେ ଯେ, ଇସ୍‌ଲାମ୍‌କୁ ବର୍ତ୍ତମାନ ଜଣେ ବଳିଷ୍ଠ ନେତାଙ୍କର ଆବଶ୍ୟକତା ରହିଛି ଏବଂ ତାହା ଜମାଅତ୍ ଅହେମଦିୟା ନିକଟରେ ଖଲିଫାଙ୍କ ରୂପରେ ରହିଛି । ସେହି ବ୍ୟକ୍ତି ଜଣକ ଜଲ୍‌ସାର ପରିସମାପ୍ତି ପରେ ବୈଅତ୍ କରି ଅହେମଦିୟତ୍‌ରେ ସାମିଲ ହୋଇଗଲେ । ୟମନରୁ ଅକ୍ରମ ଅଲୀ ସାହେବ କହିଲେ ଯେ, ଯଦି ଉପସ୍ଥିତ ଖଲିଫାଙ୍କ ଲଜ୍‌ନାର ଅଭିଭାଷଣ ସମଗ୍ର ପୃଥିବୀବାସୀ ଶୁଣି ନିଅନ୍ତି ଏବଂ ତାହା ଉପରେ କାର୍ଯ୍ୟାନୁସରଣ କରନ୍ତି ତାହାହେଲେ ବସୁଧାର ଭୁବନ ଶତ ପ୍ରତିଶତ ସୁଧୁରିଯିବେ ।

ହୁଜୁର ଅନୱର୍ ଅ.ବ ନାଇଜର୍, ଜ୍ୟାମ୍ବିୟା, ଗ୍ୟାବୁନ୍, ନାଇଜେରିୟା, ଗିନି କନାକିରୀ, କ୍ୟାମ୍‌ରୁନ୍, ମାଲି, ତାନ୍‌ଜାନିୟା, ମାଲେସିଆ, ବ୍ରାଜିଲ୍, ଗିନି ବସାଓ, ଗୟାନା, ମରେଶିୟସ୍, ଅଷ୍ଟ୍ରେଲିୟା, ଆଇଭରୀ କୋଷ୍ଟ, କଙ୍ଗୋ, ବ୍ରାଜାୱେଲ୍, ସେନିଗାଲ୍, ୟମନ୍, ଅର୍ଦ୍ଦନ୍, ସିରୀୟା, ଜର୍ମାନୀ, ଇଣ୍ଡୋନେସିଆ, କିର୍ଗିସ୍ତାନ୍, ଗୁଏଟେମୋଲା ଏବଂ ଆଲ୍‌ବାନିୟା ଆଦି ଦେଶରୁ ନିଜ ନିଜ ସ୍ଥାନରେ ବସି ଏମ.ଟି.ଏ କିମ୍ବା ଅନ୍ୟାନ୍ୟ ମାଧ୍ୟମ ତଥା ଉତ୍ସରେ ଜଲ୍‌ସାର କାର୍ଯ୍ୟକ୍ରମରେ ସାମିଲ୍ ହେବା ଏବଂ ଉପକୃତ ହୋଇଥିବା ଅହେମଦି ସଦସ୍ୟ, ମହିଳା, ଅଣମୁସଲମାନ ବ୍ୟକ୍ତିମାନଙ୍କର ବିଭିନ୍ନ ପ୍ରତିକ୍ରିୟା ଉପସ୍ଥାପନ କଲେ । ସମଗ୍ର ବିଶ୍ୱର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ବିଭିନ୍ନ ଭାଷାଭାଷୀ ଏବଂ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଜଲ୍‌ସାର ସଫଳ ଆୟୋଜନ, ଆଧାତ୍ମିକ ପରିବେଶ ଏବଂ ହୁଜୁର ଅନୱର୍ ଅ.ବଙ୍କ ସାରଗର୍ଭକ ଓ ଚିତ୍ତାକର୍ଷକ ଅଭିଭାଷଣରୁ ସମାନ ଭାବରେ ଲାଭାନ୍ୱିତ ହେବାର ଚର୍ଚ୍ଚା କଲେ । ସେହିପରି ଜଲ୍‌ସାରେ ସାମିଲ ହେବା ପରେ ଅହେମଦିୟତ୍ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କର କେତେକ ବିଶ୍ୱାସବର୍ଦ୍ଧକ ଘଟଣାର ଚର୍ଚ୍ଚା କଲେ । ଜଲ୍‌ସା ସାଲାନା ଅବସରରେ ଯେଉଁ ଅଭିବାଦନମୂଳକ ସନ୍ଦେଶ ହସ୍ତଗତ ହୋଇଛି ତହିଁରେ ୟୁ.କେ, କାନାଡ଼ାର ପ୍ରଧାନମନ୍ତ୍ରୀ ସମେତ ଅନ୍ୟ ଦେଶର ମନ୍ତ୍ରୀ, ନେତା ଓ ଧର୍ମଗୁରୁମାନଙ୍କ ବ୍ୟତୀତ ୯ଟି ଦେଶର ପ୍ରମୁଖ ବ୍ୟକ୍ତିତ୍ୱମାନେ ମୋଟ୍ ୧୦୯ଟି ସନ୍ଦେଶ ପ୍ରେରଣ କରିଛନ୍ତି । ତନ୍ମଧ୍ୟରେ ସେରେଲିଓନ୍, ଗ୍ୟାମ୍ବିୟା, ସେନିଗାଲ୍, ସ୍ପେନ୍, ହଲାଣ୍ଡ. ଜର୍ମାନୀ ଆଦି ଦେଶ ଅନ୍ତର୍ଭୁକ୍ତ ଅଟନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଏମ.ଟି.ଏ ଆଫ୍ରିକା ବ୍ୟତୀତ ଜଲ୍‌ସା ସାଲାନା ୟୁ.କେର କେତେକ ପ୍ରସାରଣ ଅନ୍ୟ କେତେକ ସ୍ଥାନୀୟ ଟି.ଭି ଚ୍ୟାନେଲ୍‌ରେ ମଧ୍ୟ ପ୍ରସାରଣ କରାଯାଇଥିଲା । ଏକ ଆକଳନ ଅନୁଯାୟୀ ୫୫ ମିଲିୟନରୁ ଉର୍ଦ୍ଧ୍ୱ ଲୋକଙ୍କ ନିକଟରେ ଇସ୍‌ଲାମ୍‌ର ସନ୍ଦେଶ ପହଞ୍ଚିଲା । ହାଉସା ଭଷାରେ ପ୍ରଥମ ଥର ପାଇଁ ଅନୁବାଦ ହୋଇଥିଲା । ଆଫ୍ରିକାର ୧୬ଟି ଟି.ଭି ଚ୍ୟାନେଲରେ ଜଲ୍‌ସା ସାଲାନା ୟୁ.କେ ସଂପର୍କରେ ସମ୍ବାଦ ପ୍ରସାରଣ କରିଥିଲା ।

ବି.ବି.ସି ନିଜର ଆଞ୍ଚଳିକ ଟି.ଭି ଚ୍ୟାନେଲ୍ ବି.ବି.ସି ସାଉଥ୍‌ରେ ଏକ ଡ଼କ୍ୟୁମେଣ୍ଟାରୀ ପ୍ରସାରଣ କଲା ଏବଂ ରିପୋର୍ଟ ଅନୁଯାୟୀ ବି.ବି.ସି ୱାର୍ଲଡ ମଧ୍ୟ ଜଲ୍‌ସା ସାଲାନାର ପ୍ରସାରଣ କରିଥିଲା ଯାହାକୁ ୨୦୦ ଦେଶର ଲୋକେ ଦେଖିଥିଲେ । ୪୦ଟି ୱେବ୍‌ସାଇଟ ଜଲ୍‌ସା ସାଲାନାର ଖବର ପ୍ରସାରଣ କଲେ । ଜଲ୍‌ସା ସଂପର୍କରେ ୧୬ଟି ରେଡ଼ିଓ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା । ୨୦ଟି ଖବର କାଗଜରେ ଜଲ୍‌ସା ସଂପର୍କରେ ଆର୍ଟିକିଲ୍ (ପ୍ରବନ୍ଧ) ଆଦି ପ୍ରକାଶିତ ହେଲା । ୧୨ଟି ଟି.ଭି ଚ୍ୟାନେଲରେ ଜଲ୍‌ସାର ଖବର ପ୍ରସାରଣ କରାଯାଇଥିଲା ଏବଂ ଏହାକୁ ୨୨ ଲକ୍ଷ ଲୋକେ ଶୁଣିଥିଲେ । ଏହି ସମସ୍ତ ମାଧ୍ୟମ ବ୍ୟତୀତ ଶୋସିଆଲ୍ ମିଡ଼ିଆ ମାଧ୍ୟମରେ ମଧ୍ୟ ପ୍ରାୟ ୬୩ ଲକ୍ଷ ଲୋକଙ୍କ ନିକଟରେ ଜମାଅତର୍ ସନ୍ଦେଶ ପହଞ୍ଚିଲା ।

ବାଂଲାଦେଶର ରାଜଧାନୀ ଢାକାର ଅମୀର ସାହେବ କହନ୍ତି ଯେ, ଢାକାର କେନ୍ଦ୍ରୀୟ ମସ୍‌ଜିଦ୍ ସ୍ଥିତ ନାରାୟଣଗଞ୍ଜ, ବହ୍‌ମନ୍, ବାଡ଼ିୟାଁ, ଚିଟାଗଙ୍ଗ୍‌ରେ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକେ ଜଲସାରେ ସାମିଲ ହୋଇଥିଲେ । ଏକ ରିପୋର୍ଟ ଅନୁଯାୟୀ ୮୦୦ରୁ ଉର୍ଦ୍ଧ୍ୱ ଅଣଅହେମଦି ଅତିଥିମାନେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିଲେ ଏବଂ ଉପକୃତ ହେଲେ । ପୁନଶ୍ଚ କହନ୍ତି ଯେ, ବାଂଲାଦେଶର ଦଶଟି ଅନ ଲାଇନ୍ ରିପୋର୍ଟରେ ଏବଂ ସମ୍ବାଦପତ୍ରରେ ଜଲ୍‌ସାର ଖବର ସଚିତ୍ର ପ୍ରକାଶିତ ହେଲା । ତନ୍ମଧ୍ୟରେ ତିନୋଟି ପ୍ରମୁଖ ପ୍ରସିଦ୍ଧ ସମ୍ବାଦପତ୍ର ରହିଛି । ଅତ୍ୟନ୍ତ ସତର୍କତାର ସହିତ ଏକ ଆକଳନ ଅନୁଯାୟୀ ଅନ୍‌ଲାଇନ୍ ରିପୋର୍ଟର ସମ୍ବାଦପତ୍ର ମାଧ୍ୟମରେ ଆନୁମାନିକ ୫୪ ଲକ୍ଷ ଲୋକ ଏହି ଖବର ପଢିଥିଲେ । ଏମ.ଟି.ଏ ଇଣ୍ଟରନେସନାଲ ମାଧ୍ୟମରେ କଭରେଜ ରହିଛି । ୟୁଟ୍ୟୁବରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନେ ୱେବ୍ ସାଇଟ୍‌କୁ ଭିଜିଟ୍ କରିଛନ୍ତି । ପ୍ରାୟ ୫ ଲକ୍ଷ ଘଣ୍ଟା ୟୁଟ୍ୟୁବ ମାଧ୍ୟମରେ ଏମ.ଟି.ଏ ପ୍ରସାରଣ ଦେଖିଛନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକମାନେ ଏମ.ଟି.ଏ ପ୍ରସାଣ ଦେଖିଛନ୍ତି ଏବଂ ଏକ ଦଶମିକ ନଅ ସାତ (୧.୯୭) ଲକ୍ଷ ଲୋକଙ୍କ ପର୍ଯ୍ୟନ୍ତ ଏହା ପହଞ୍ଚିଥିଲା । ଟୁଇଟର୍‌ରେ ମଧ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମନେ ଏମ.ଟି.ଏର ପେଜ୍ ଦେଖିଛନ୍ତି । ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକମାନେ ଏହାକୁ ପସନ୍ଦ କଲେ ଏବଂ ଅନ୍ୟମାନଙ୍କୁ ଫର୍‌ୱାର୍ଡ଼ ଏବଂ ଶେୟାର୍ ମଧ୍ୟ କଲେ । ଫେସ୍‌ବୁକ୍ ମାଧ୍ୟମରେ ମଧ୍ୟ ୫ ୧/୨ ଲୋକଙ୍କ ପର୍ଯ୍ୟନ୍ତ ଜମାଅତ୍‌ର ସନ୍ଦେଶ ପହଞ୍ଚିଲା । ସେହିପରି ଏମ.ଟି.ଏର ନିଜସ୍ୱ ଅଫିସିଆଲ୍ ୱେବ୍ ସାଇଟ୍‌କୁ ମଧ୍ୟ ୧ ଲକ୍ଷ ଥର ଦେଖାଯାଇଛି । ଏମ.ଟି.ଏ ଅନ୍ ଡିମାଣ୍ଡ ମାଧ୍ୟମରେ ମଧ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନେ ଜଲ୍‌ସା ଦେଖିଲେ ।

ଏହା ତ' ଥିଲା ସଂକ୍ଷିପ୍ତ ଚର୍ଚ୍ଚା ଯାହାକୁ ବର୍ଣ୍ଣନା କରିବାକୁ ଅନେକ ସମୟ ଲାଗି ଯାଇଛି । ଅଲ୍ଲାଃତାଲା ଜଲ୍‌ସାର ଅନ୍ୟ ପରିଣାମ ଏବଂ ସୁଫଳ ମଧ୍ୟ ପ୍ରଦାନ କରନ୍ତୁ ଏବଂ ପୁଣ୍ୟାତ୍ମାମାନଙ୍କୁ ଅହେମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ୍ ଆଡ଼କୁ ପୂର୍ବାପେକ୍ଷା ଅଧିକ ମାତ୍ରାରେ ଆକର୍ଷିତ କରାନ୍ତୁ ଏବଂ ନାମକୁ ମାତ୍ର ବୋଲାଉଥିବା ବିଦ୍ୱାନମାନଙ୍କ ଉପଦ୍ରବରୁ ଜମାଅତ୍‌କୁ ସୁରକ୍ଷିତ ରଖନ୍ତୁ ଏବଂ ସମସ୍ତ ପୁଣ୍ୟାତ୍ମା ବ୍ୟକ୍ତିଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ରଖନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଈଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.................................

KHULASA KHUTBA JUMA HUZOOR ANWAR a.b.a

13th Aug 2021